ODIA

କେତେ କାମ!

ମାଧୁରୀ ପୁରନ୍ଦରେ

Big Little Book Award Winning Author

eklavya

କେତେ କାମ!

ମାଧୁରୀ ପୁରନ୍ଦରେ

ଓଡ଼ିଆ ଅନୁବାଦ
ଅଭିଷେକ ମହାନ୍ତି

eklavya

କେତେ କାମ!

KETE KAAM!

Story and Illustrations: Madhuri Purandare
Odia translation: Abhishek Mohanty
Publication: Chetana Biswal, Bansi Sharma (Editorial support),
Indu Nair, Khizar Mohammad, Kamlesh Yadav (Production)

Originally published as *Soo Much Work!!* by Jyotsna Prakashan.

Story and Illustrations © Madhuri Purandare, 2018
Odia translation © Eklavya Foundation, 2025

For any kind of use of the story or the illustrations, contact Jyotsna Prakashan via the publisher.

First edition: September 2025 / 1000 copies
Paper: 100 GSM Maplitho and 300 GSM Paper board (Cover)
ISBN: 978-93-48176-36-3
Price: ₹ 70.00

Developed with financial support from Parag Initiative of the Tata Trusts.

Published by:
EKLAVYA FOUNDATION
Jamnalal Bajaj Parisar,
Jatkhedi,Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in | books@eklavya.in

Printed at: Box Corograters and Offset printers, Bhopal, Ph: +91 755 258 7551



ଖରାବେଳ ଖାଇବା ସରି ଯାଇଥିଲା ।
ଆଇ ଗପ କହୁ କହୁ ଶୋଇ ପଡ଼ିଥିଲେ ।
ହେଲେ ଆରବକୁ ତ ଜମା ବି ନିଦ ମାଡୁନଥିଲା ।



ଅଜାଙ୍କୁ ବି ବହି ପଢୁ ପଢୁ ନିଦ
ଘାରି ସାରିଥିଲା ।
ତ... ଏବେ କ'ଣ କରିବା ?



ମାଆର ଆଲମାରୀ !

"ନିଲୁ, ମୁଁ ଏ ଆଲମାରୀକୁ ସଜାଡ଼ି ଦେଉଛି ।
ତୁ ଗୋଟେ ସୁନା ପିଲା ପରି ଏଠି ବସ ଆଉ
ଦେଖ, ମୁଁ କେମିତି କାମ କରୁଛି ।"



"ଓହୋ! ମାଆ ଏସବୁ
କେମିତି କରନ୍ତି ?

ସିଏ ତ ପ୍ରଥମେ ସବୁ
ଜିନିଷକୁ କାଢ଼ି ଦିଅନ୍ତି ।

ଆଉ ପୁଣି ସେସବୁକୁ
ଭଲଭାବେ ସଜେଇ
ଦିଅନ୍ତି, ନାଇଁ କି?"



"ହାଃ! ହାଃ! ନିଲୁ ନିଜକୁ ଟିକେ ଦେଖ! ତୁ ନିଲୁ ନୁହଁ ମିସ୍ ନିଲୁ ପରି ଦିଶୁଛୁ !"

ଆରବ ନିଜ ହସକୁ ଅଟକାଇ ପାରୁନଥିଲା ।



ଗୋଟିଏ ବଡ଼ ନୀଳ ଡବା ଭିତରେ
ଗୋଟିଏ ଛୋଟ ଡବା ଥିଲା ।
ଯେତେବେଳେ ଆରବ ତାକୁ ଖୋଲିଲା,
ସେଥିରୁ ବହୁତ ଗୁଡ଼ିଏ ବୋତାମ ବାହାରେ
ବିଞ୍ଚି ହୋଇ ପଡ଼ିଲା ।

କିଛି ଏପଟେ ଗଡ଼ିଗଲେ ତ କିଛି ସେପଟେ
ଗଡ଼ିଗଲେ ।

ଆରବକୁ ଭାରି ମଜା ଲାଗିଲା ।

ଆଃ ! ଫୋଡ଼ି ହେଇଗଲା ! "ବଦମାସ ଛୁଞ୍ଚି, ଯା ଭାଗ୍ ଏଇଠୁ !"

ଆରବ ରାଗିକି ଚିଲ୍ଲେଇଲା । ସେ ଛୁଞ୍ଚି ଲାଗିଥିବା କାଗଜଟିକୁ ଫୋପାଡ଼ି ଦେଲା ।



ରଙ୍ଗ ବେରଙ୍ଗର
ଏତେଗୁଡ଼ାଏ ସୂତା ରିଲ !

ନାଲି, ଶାଗୁଆ, ନୀଳ
ଆଉ ନାରଙ୍ଗୀ...

ଆରବ ଯେତେବେଳେ ସେସବୁକୁ
ତଳେ ଥୋଇଲା, ସେଗୁଡ଼ିକ ଯ୍ୟାଡ଼େ ସ୍ୟାଡ଼େ
ଗଡ଼ିଗଲେ! ସର୍...! ସର୍...!



ଏତିକି ବେଳେ ଆଈ ଆସିଗଲେ ।

"ଆଈ ଦେଖ, ଆମେ କେତେ କାମ କରିଛୁ ! ଏବେ ଆମକୁ କୁହ 'ସୁନା ପିଲା ! କୁହ ନା, ଆଈ !" ଆରବ କହିଲା ।

ହେଲେ ଆଈ ତ ଖାଲି ବଡ଼ ବଡ଼ ଗୋଲ ଗୋଲ ଆଖି କରି ଏକ ଲୟରେ ଅନେଇ ରହିଲେ ।



"ହା...ଆ..! ହା...ଆ..!" ଆରବ ହାଇ ମାରିଲା ।

"ମୁଁ ବହୁତ ହାଲିଆ ହୋଇଗଲିଣି । ଏବେ ମୋତେ ନିଦ ମାଡୁଛି ।

ଆଉ ନିଲୁକୁ ବି, ନା'ରେ ନିଲୁ ?"

ମାଧୁରୀ ପୁରନ୍ଦରେ

ଶିଶୁ ଏବଂ ଯୁବ ସାହିତ୍ୟ କ୍ଷେତ୍ରରେ ମାଧୁରୀ ପୁରନ୍ଦରେ ଜଣେ ଜଣାଶୁଣା ଲେଖକ ଓ ଚିତ୍ରକର। ସେ ଅନେକ ମରାଠୀ ପୁସ୍ତକକୁ ଫ୍ରେଞ୍ଚ ଭାଷାରେ ଅନୁବାଦ କରିଛନ୍ତି।

ମାଧୁରୀ ହାତରେ ଲେଖିବାକୁ ଓ ଚିତ୍ର କରିବାକୁ ପସନ୍ଦ କରନ୍ତି । ବୁଲାବୁଲି କରିବା ଏବଂ ନିଜ ବିଷୟରେ କହିବା ତାଙ୍କୁ ବିଶେଷ ଭଲ ଲାଗେ ନାହିଁ । ମାଧୁରୀ ସାଧାରଣତଃ ନିଜକୁ ଅଳସୁଆ ବୋଲି କୁହନ୍ତି କିନ୍ତୁ ପିଲାଙ୍କ ପାଇଁ ଲେଖିବା କିମ୍ବା ଚିତ୍ର କରିବାର ଥିଲେ ସେ ସହଜରେ ନିଜ ଆଳସ୍ୟ ତ୍ୟାଗ କରି ଦିଅନ୍ତି ।

ଶିଶୁ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅସାଧାରଣ କାମ ପାଇଁ ତାଙ୍କୁ ୨୦୧୪ ମସିହାରେ ସାହିତ୍ୟ ଏକାଡେମି ପୁରସ୍କାରରେ ପୁରସ୍କୃତ କରାଯାଇଥିଲା ।

ଏହା ଛଡ଼ା ମାଧୁରୀ ହେଉଛନ୍ତି ପ୍ରଥମ ଲେଖକ ଯାହାଙ୍କୁ ୨୦୧୬ ରେ ଟାଟା ଟ୍ରଷ୍ଟର ପରାଗ ଇନିସିଏଟିଭ ଦ୍ୱାରା 'ବିଗ ଲିଟିଲ ବୁକ ଆୱାର୍ଡ' ପୁରସ୍କାର ଦ୍ୱାରା ପୁରସ୍କୃତ କରାଯାଇଥିଲା ।

ଖରାବେଳ ହୋଇଥିଲା । ଅଜା ଆଈ ଦୁଇଜଣ ଯାକ ଶୋଇପଡ଼ିଥିଲେ ।
ହେଲେ ଆରବ ଆଖିରେ ନିଦ କାହିଁ ? ଏବେ ଆରବ କ'ଣ କରିବ ?
ଶୋଇବା ପାଇଁ ବୃଥା ଚେଷ୍ଟା ନା ଆଉ କିଛି...

ମୂଲ୍ୟ: ₹ 70.00

parag
AN INITIATIVE OF TATA TRUSTS

eklavya

9 789348 176363